# NATIONAL NEWS BULLETIN (ODIA)
## 11th October - 2025
## Morning Bulletin : 7.15 a.m.

*********************************

ଆକାଶବାଣୀ.....      ସମ୍ବାଦ ପଢୁଛନ୍ତି.....      **ସତ୍ୟବ୍ରତ ବେହୁରା**

## ମୁଖ୍ୟ ସମ୍ବାଦ

- ଆଦିବାସୀ ସମ୍ପ୍ରଦାୟକଙ୍କୁ ସଶକ୍ତ ଏବଂ ବିକଶିତ କରିବା ଲାଗି ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କହିଲେ ରାଷ୍ଟ୍ରପତି ।
- ପି.ଏମ୍. ଧନଧାନ୍ୟ କୃଷି ଯୋଜନାର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ଚୀନ୍‌ରୁ ଆମଦାନୀ ହେଉଥିବା ଦ୍ରବ୍ୟ ଉପରେ ଆସନ୍ତା ମାସ ପହିଲାରୁ ଅତିରିକ୍ତ ଶତ ପ୍ରତିଶତ ଶୁଳ୍କ ଲାଗୁ କଲା ଆମେରିକା ।

ଏବଂ

- ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ୩୧୮ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିବ ଭାରତ ।

# ପ୍ରେଜ୍ - ଗୁଜରାଟ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁଜୁରାଟର ଜୁନାଗଡ଼ ଜିଲ୍ଲାରେ ଆଫ୍ରିକୀୟ ମୂଳ ଅଧିବାସୀ ସିଦ୍ଦି ସମ୍ପ୍ରଦାୟର ଲୋକମାନଙ୍କ ସହ କଥା ହୋଇଛନ୍ତି । ରାଷ୍ଟ୍ରପତି ସେମାନଙ୍କ ସହ ଆଲୋଚନା କାଳରେ ଶିକ୍ଷାଗ୍ରହଣ ଲାଗି ଆହ୍ୱାନ ଦେଇ କହିଛନ୍ତି, ସମ୍ପୃକ୍ତ ସମ୍ପ୍ରଦାୟକୁ ସଶକ୍ତ ଏବଂ ବିକଶିତ ହେବା ଲାଗି ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ । ଏବେ ସିଦ୍ଦି ସମ୍ପ୍ରଦାୟରେ ସ୍ୱାକ୍ଷରତା ହାର ୭୨ ପ୍ରତିଶତ ରହିଥିବା ଜାଣିବା ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସନ୍ତୋଷ ପ୍ରକାଶ କରିଛନ୍ତି । ଆଦିବାସୀ ସମ୍ପ୍ରଦାୟର ବିକାଶ ଲାଗି କେନ୍ଦ୍ର ସରକାର ଗ୍ରହଣ କରିଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀମତୀ ମୁର୍ମୁ ଆଦିବାସୀମାନଙ୍କ ପ୍ରକୃତି ଅନୁକୂଳ ଜୀବନଶୈଳୀକୁ ପ୍ରଶଂସା କରିବା ସହ ଏହାକୁ ସମାବେଶୀ ଜୀବନଧାରଣ ଲାଗି ପ୍ରେରଣା ବୋଲି କହିଛନ୍ତି । ଦେଶ ଗଠନରେ ଆଦିବାସୀ ଭାଇଭଉଣୀମାନଙ୍କ ଯୋଗଦାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କହିବା ସହ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣ ପାଇଁ ଆଦିବାସୀମାନଙ୍କୁ ସୁରକ୍ଷା, ସମାନତା ଓ ନ୍ୟାୟିକ ବ୍ୟବସ୍ଥାରେ ସାମିଲ୍ କରିବା

ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସୋମନାଥ ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ ।

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ପି.ଏମ୍. ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଉତ୍ପାଦନ ବୃଦ୍ଧି, ଶସ୍ୟ ବିବିଧତାକୁ ପ୍ରୋତ୍ସାହନ, ଉନ୍ନତ ଜଳସେଚନର ଉପଲବ୍ଧତା ଏବଂ ଶସ୍ୟ ସଂରକ୍ଷଣକୁ ସୁ-ବ୍ୟବସ୍ଥିତ କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ଅଧୀନରେ ସରକାର ଦେଶର ୧୦୦ଟି କମ୍ ଉତ୍ପାଦକତା ଜିଲ୍ଲା ଚିହ୍ନଟ କରିବେ ଏବଂ ସମ୍ପୃକ୍ତ ସ୍ଥାନରେ ଉତ୍ପାଦକତା ବୃଦ୍ଧି କରିବା ଲାଗି ଏହି ଯୋଜନା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ସମ୍ପୃକ୍ତ ଜିଲ୍ଲାର ଚାଷୀମାନେ ଉନ୍ନତ ଜଳସେଚନ ଏବଂ ଋଣ ସହାୟତା ପାଇପାରିବେ । ଏହିସବୁ ଜିଲ୍ଲାର ଉତ୍ପାଦକତାକୁ ଜାତୀୟ ହାରାହାରି ସ୍ତରକୁ ବୃଦ୍ଧି କରାଯାଇପାରିଲେ ସାମଗ୍ରୀକ ଜାତୀୟ ସ୍ତରୀୟ ଉତ୍ପାଦନ ଏବଂ ଚାଷୀଙ୍କ ଆୟ ବୃଦ୍ଧି ହୋଇପାରିବ ବୋଲି କୃଷି ମନ୍ତ୍ରୀ କହିଛନ୍ତି ।

## V/O-1-SHIVRAJ-DHANDHAYN

ପ୍ରଧାନମନ୍ତ୍ରୀ ଡାଲି କ୍ଷେତ୍ରରେ ଆତ୍ମନିର୍ଭରତା ସମ୍ପର୍କିତ ଅଭିଯାନର ମଧ ଶୁଭାରମ୍ଭ କରିବେ । ଏ ସମ୍ପର୍କରେ ସୂଚନା ଦେଇ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି, ଦେଶ ବର୍ତ୍ତମାନ ଗହମ ଓ ଚାଉଳ ଉତ୍ପାଦନରେ ଆତ୍ମନିର୍ଭର ହୋଇପାରିଛି । ମାତ୍ର ଡାଲି କ୍ଷେତ୍ରରେ ଭାରତ ଖୁବ୍ ଶୀଘ୍ର ଆତ୍ମନିର୍ଭରତା ହାସଲ କରିବ । ସେ କହିଛନ୍ତି, ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଶତପ୍ରତିଶତ ପଞ୍ଜିକୃତ ଚାଷୀଙ୍କର ଉତ୍ପାଦ ସଂଗ୍ରହ କରିବେ । ଡାଲି ଆତ୍ମନିର୍ଭର ମିଶନ୍ ଅଧୀନରେ ସରକାର ଏହାର ଉତ୍ପାଦନ ଏବଂ ଚାଷ ଜମି ପରିମାଣକୁ ଦେଶ ବ୍ୟାପି ବୃଦ୍ଧି କରିବାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି ।

## V/O-2--SHIVRAJ---DALHAN

ଏହି ଅବସରରେ ପ୍ରଧାନମନ୍ତ୍ରୀ କୃଷି କ୍ଷେତ୍ରକୁ ନିଜର ଉଲ୍ଲେଖନୀୟ ଅବଦାନ ଲାଗି କୃତି ଚାଷୀ, କୃଷକ ଉତ୍ପାଦକ ସଂଗଠନ, ସମବାୟ ସମିତି ଏବଂ ନବସୃଜକମାନଙ୍କୁ ସମ୍ବର୍ଦ୍ଧିତ କରିବେ । ଏତଦ୍ ବ୍ୟତୀତ ଶ୍ରୀ ମୋଦୀ କୃଷି ଭିତ୍ତିଭୂମି ପାଣ୍ଠି, ପଶୁପାଳନ, ମତ୍ସ୍ୟ ଉତ୍ପାଦନ ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ସହିତ ସମ୍ପୃକ୍ତ ୧ ହଜାର ୧୦୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ଆର୍ଥକ୍ୱାକ୍ - ଫିଲିପାଇନ୍‌ସ

ଫିଲିପାଇନ୍ସର ଦକ୍ଷିଣାଞ୍ଚଳରେ ଗତକାଲି ଭୂମିକମ୍ପରେ ୭ ଜଣଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ, ୨ଟି ଭୂମିକମ୍ପ ସଙ୍ଗଠିତ ହେବା ଯୋଗୁଁ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ । ପ୍ରଥମ ଭୂମିକମ୍ପର ତୀବ୍ରତା ୭ ଦଶମିକ ୪ ଥିଲା ଓ ଏହାର କେନ୍ଦ୍ରସ୍ଥଳ ଉପକୂଳଠାରୁ ୩୦୦ କିଲୋମିଟର ଦୂରରେ ରହିଥିଲା । ପ୍ରାୟ ୭ ଘଣ୍ଟା ପରେ ୬ ଦଶମିକ ୮ ତୀବ୍ରତା ବିଶିଷ୍ଟ ଦ୍ୱିତୀୟ ଭୂମିକମ୍ପ ଅନୁଭୂତ ହୋଇଥିଲା । ସୂଚନା ଅନୁଯାୟୀ, ଭୂମିକମ୍ପରେ ବାସଗୃହ, ବଡ଼ବଡ଼ କୋଠା ଏବଂ ସେତୁ କ୍ଷତିଗ୍ରସ୍ତ ହୋଇଛି । ସୂଚନାଯୋଗ୍ୟ, ଫିଲିପାଇନ୍ସରେ ବର୍ଷକୁ ପ୍ରାୟ ୮ ଶହରୁ ଅଧିକ ଥର ଭୂମିକମ୍ପ ହୋଇଥାଏ ।

## ଅମିତ ଶାହା - ଏସ୍.ଆଇ.ଆର୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ ଅଭିଯାନ ନିର୍ବାଚନ ଆୟୋଗଙ୍କ ସାମ୍ବିଧାନିକ ଦାୟିତ୍ୱ ହୋଇଥିବାରୁ ସେଥିରେ କେହି ହସ୍ତକ୍ଷେପ କରିବା ଉଚିତ ନୁହେଁ । ନୂଆଦିଲ୍ଲୀରେ ଏକ ଘରୋଇ ପୁରସ୍କାର ପ୍ରଦାନ ସମାରୋହକୁ ସମ୍ବୋଧିତ କରି

ଶ୍ରୀ ଶାହା କହିଛନ୍ତି, ଭାରତୀୟ ନାଗରିକଙ୍କ ଭୋଟ୍‌ଦାନ ଅଧିକାରକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସରକାର ଅନୁପ୍ରବେଶକାରୀମାନଙ୍କୁ ହଟାଇବା ଲାଗି ଭୋଟର ତାଲିକାରେ ସେମାନଙ୍କୁ ଚିହ୍ନଟ କରିବା, ସେମାନଙ୍କ ନାମ ହଟାଇବା ଏବଂ ସେମାନଙ୍କ ସେମାନଙ୍କ ଦେଶକୁ ପଠାଇବା ଲାଗି ଦୃଢ଼ନୀତି ଅନୁସରଣ କରୁଛନ୍ତି ।

***Voice (Amit Shah)*** :.......

ଶ୍ରୀ ଶାହା କହିଛନ୍ତି, ବିଭିନ୍ନ ଭୌଗୋଳିକ ଆହ୍ୱାନ ଯୋଗୁଁ ଯେଉଁସବୁ ଅଞ୍ଚଳରେ ସୀମାରେଖାରେ ବାଡ଼ ବସାଇବା ସମ୍ଭବ ହେଉ ନାହିଁ, ସେଠାରେ ଅନୁପ୍ରବେଶକାରୀମାନଙ୍କୁ ରୋକିବା ଲାଗି ରାଜ୍ୟ ସରକାର ଉଦ୍ୟମ କରିବା ଆବଶ୍ୟକ । ଅନୁପ୍ରବେଶକାରୀକୁ ଆଶ୍ରୟ ଦେବା ଆଳରେ ଭୋଟ୍‌ବ୍ୟାଙ୍କ୍ ରାଜନୀତିଠାରୁ ରାଜ୍ୟ ସରକାରଗୁଡ଼ିକ ଦୂରେଇ ରହି ଦେଶର ହିତ ଦୃଷ୍ଟିରୁ ପଦକ୍ଷେପ ନେବାର ଆବଶ୍ୟକତା ଉପରେ ଶ୍ରୀ ଶାହା ଗୁରୁତ୍ୱାରୋପ କରିଛନ୍ତି ।

***Voice (Amit Shah on infiltration)*** :.......

## ୟୁ.ଏସ୍. ଟାରିଫ୍ - ଚୀନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ୍ ଆସନ୍ତା ମାସରୁ ଚୀନ୍‌ରୁ ଆମଦାନୀ କରାଯାଉଥିବା ଦ୍ରବ୍ୟ ଉପରେ ଶତ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରିଛନ୍ତି ।

ବେଜିଂ ପକ୍ଷରୁ ମୂଲ୍ୟବାନ୍ ଖଣିଜ ଦ୍ରବ୍ୟ ରପ୍ତାନୀ କ୍ଷେତ୍ରରେ ନୂଆ ନିୟମ ପ୍ରଣୟନ ହେବା ପରେ ଆମେରିକା ପକ୍ଷରୁ ଏହାକୁ ପ୍ରତିହତ କରିବା ଲାଗି ଶତ ପ୍ରତିଶତ ଅତିରିକ୍ତ ଶୁଳ୍କ ଲାଗୁ କରାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଟ୍ରମ୍ପ୍ କହିଛନ୍ତି, ନଭେମ୍ବର ୧ ତାରିଖରୁ ନୂତନ ଶୁଳ୍କ ଲାଗୁ ହେବ ଏବଂ ଆମେରିକା ପ୍ରଶାସନ ଗୁରୁତ୍ୱପୂର୍ଣ୍ଣ ସଫ୍‌ଟୱେର୍‌ଗୁଡ଼ିକ ଉପରେ ନିଜସ୍ୱ ଶୁଳ୍କ ଲଗାଇବ ।

ଏବେ ଚୀନ୍‌ରୁ ଆମଦାନୀ ହେଉଥିବା ସେବା ଓ ସାମଗ୍ରୀ ଉପରେ ଶୁଳ୍କ ଲାଗୁ ହେଉଥିବାବେଳେ ଏହା ପ୍ରାୟ ୧୩୦ ପ୍ରତିଶତକୁ ବୃଦ୍ଧି ପାଇଛି । ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଯଦି ଚୀନ୍ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ରପ୍ତାନୀ ଉପରେ ଗ୍ରହଣ କରିଥିବା ନୀତିକୁ ଉଚ୍ଛେଦ କରିବ, ସେ କ୍ଷେତ୍ରରେ ଆମେରିକା ଶୁଳ୍କ ହ୍ରାସ କରିବା ଲାଗି ଚିନ୍ତା କରିବ । ଅନ୍ୟପକ୍ଷରେ ଆଗାମୀ ଏସୀୟ ଅର୍ଥନୈତିକ ସହଯୋଗ ବୈଠକରେ ସେ ଚୀନ୍ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ କରି ନ ପାରନତି ବୋଲି କହିଛନ୍ତି ।

## ଏସ୍.ସି. – ଫାୟାର୍ କ୍ରାକର୍ସ

ଦୀପାବଳି ପର୍ବ ସମୟରେ ଦିଲ୍ଲୀରେ ବାଣ ବିକ୍ରି ଉପରେ ପ୍ରତିବନ୍ଧକ ଜାରି କରିବା ସମ୍ପର୍କିତ ମାମଲାରେ ସୁପ୍ରିମ୍‌କୋର୍ଟ ନିଜର ରାୟ ସଂରକ୍ଷିତ

ରଖିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର୍. ଗଭାଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମାମଲାର ବିଚାର କରି ଦିଲ୍ଲୀରେ ବାୟୁ ଗୁଣବତ୍ତା ନେଇ ପ୍ରଶ୍ନ କରିଛନ୍ତି । ଗତ ଏପ୍ରିଲ୍ ୩ ତାରିଖରେ ଏକ ଦୁଇଜଣିଆ ଖଣ୍ଡପୀଠ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳ ବାଣ ବିକ୍ରି ଓ ଫୁଟାଇବା ଉପରେ ଏକବର୍ଷପାଇଁ ନିଷେଧାଦେଶ ଜାରି କରିଥିଲେ । ତେବେ ଦୀପାବଳି ପର୍ବ ଆସୁଥିବାରୁ ଏହା ଉପରେ ଜାରି ହୋଇଥିବା ପ୍ରତିବନ୍ଧକ କୋହଳ କରିବା ଲାଗି ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ସୁପ୍ରିମ୍‌କୋର୍ଟଙ୍କୁ ନିବେଦନ କରିଛନ୍ତି ।

## ଟେଷ୍ଟ କ୍ରିକେଟ୍

ନୂଆଦିଲ୍ଲୀସ୍ଥିତ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଗତକାଲି ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଭାରତ ଗତକାଲିର ସ୍କୋର ୨ ୱିକେଟ୍ ବିନିମୟରେ ୩୧୮ ରନ୍‌ରୁ ଖେଳ ଆରମ୍ଭ କରିବ । ସକାଳ ୯ଟା ୩୦ ମିନିଟ୍ ସମୟରେ ମ୍ୟାଚ୍ ଆରମ୍ଭ ହେବ । ଗତକାଲି ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ୍ ଅପରାଜିତ ୧୭୩ ରନ୍ ସ୍କୋର କରିଥିବାବେଳେ ଶୁଭ୍‌ମନ ଗିଲ୍ ୨୦ ରନ୍ କରି ଅପରାଜିତ ଅଛନ୍ତି । ସାଇ ସୁଦର୍ଶନ ୮୭ ଓ କେ.ଏଲ୍. ରାହୁଲ ୩୮ ରନ୍ କରିଛନ୍ତି ।

## ୱିମେନ୍ସ କ୍ରିକେଟ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଗତକାଲି ଗୁଆହାଟୀର ବର୍ଷାପାରା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୦୦ ରନ୍‌ରେ ବାଲାଂଦେଶକୁ ପରାସ୍ତ କରି ପ୍ରତିଯୋଗିତାରେ ପ୍ରଥମ ବିଜୟ ହାସଲ କରିଛି । ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୨୨୭ ରନ୍ ସ୍କୋର କରିଥିଲା । ଏହାର ଜବାବରେ ବାଂଲାଦେଶ ୩୯ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ନ୍ୟୁଜିଲାଣ୍ଡର ଏହି ବିଜୟ ପରେ ଅଙ୍କ ତାଲିକାରେ ପଞ୍ଚମ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ ବାଂଲାଦେଶ ଷଷ୍ଠ ସ୍ଥାନରେ ରହିଛି । ଆଜି ଭାରତୀୟ ସମୟ ଅପରାହ୍ଣ ୩ଟାରେ କଲମ୍ବୋଠାରେ ଇଂଲଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ତାଲିକାରେ ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଶ୍ରୀଲଙ୍କା ସପ୍ତମ ସ୍ଥାନରେ ରହିଛି ।

## ଫୁଟବଲ୍

ଇଣ୍ଡୋନେସିଆର ଜାକର୍ତ୍ତାଠାରେ ୨୩ ବର୍ଷରୁ କମ୍ ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳ ୨-୧ ଗୋଲ୍‌ରେ ଇଣ୍ଡୋନେସିଆକୁ ପରାସ୍ତ କରିଛି । ଉଭୟ

ଦେଶ ମଧ୍ୟରେ ନିର୍ଦ୍ଧାରିତ ୨ଟି ଆନ୍ତର୍ଜାତିକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ମଧ୍ୟରୁ ଗତକାଲି ପ୍ରଥମ ମ୍ୟାଚ୍ ଖେଳାଯାଇଥିଲା । ଭାରତ ପକ୍ଷରୁ ସୁହେଲ୍ ଅହମ୍ମଦ ଭଟ୍ ପଞ୍ଚମ ଏବଂ ୨୬ତମ ମିନିଟ୍‌ରେ ୨ଟି ଗୋଲ୍ କରିଥିଲେ । ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

*****